# ସମ୍ବିଧାନର ଧାରା ୨୧: ଶିକ୍ଷା ଓ ଖାଦ୍ୟ ଅଧିକାର– ଏକ ସମୀକ୍ଷା

## ଧାରା-୨୧ର ଭାଷା ଓ ବ୍ୟାଖ୍ୟା

ଭାରତୀୟ ସମ୍ବିଧାନର ଭାଗ-୩ (ମୌଳିକ ଅଧିକାରସମୂହ) ଅଧୀନରେ ଥିବା ଧାରା ୨୧ରେ କୁହାଯାଇଛି ଯେ, "ଆଇନ୍ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତିରେକ କୌଣସି ବ୍ୟକ୍ତିକୁ ତା'ର ଜୀବନ ଓ ସ୍ୱାଧୀନତାରୁ ବଞ୍ଚିତ କରାଯାଇ ପାରିବ ନାହିଁ"(Article 21. **Protection Of Life And Personal Liberty:** No person shall be deprived of his life or personal liberty except according to procedure established by law.) । ଏହି ସଂକ୍ଷିପ୍ତ ଅଥଚ ସାରଗର୍ଭକ ବାକ୍ୟର ବ୍ୟାଖ୍ୟା ଯିଏ ଯେମିତି କରନ୍ତୁ ନା କାହିଁକି, ଏହାର ଆକ୍ଷରିକ ଅର୍ଥ ହେଲା, ଆଇନ୍ ବଳରେ ହିଁ ଜଣେ ବ୍ୟକ୍ତିକୁ ତା'ର ଜୀବନ ଓ ସ୍ୱାଧୀନତାରୁ ବଞ୍ଚିତ କରାଯାଇ ପାରିବ, ଅନ୍ୟଥା ନୁହେଁ । ଏହି ଧାରା ଅନୁଯାୟୀ, ଆବଶ୍ୟକ ମତେ ଆଇନ୍ ପ୍ରଣୟନ ବା ପ୍ରୟୋଗ କରି ଜଣେ ବ୍ୟକ୍ତିର ଜୀବନ ଓ ସ୍ୱାଧୀନତାକୁ କାଢିନେବା ପାଇଁ ରାଷ୍ଟ୍ରର କ୍ଷମତା ରହିଛି, ବା ଅନ୍ୟ ଅର୍ଥରେ କହିଲେ, ଯଦି ରାଷ୍ଟ୍ର କୌଣସି ବ୍ୟକ୍ତିର ଜୀବନ ବା ସ୍ୱାଧୀନତା କାଢିନିଏ, ତେବେ ରାଷ୍ଟ୍ରର ସେହି କାର୍ଯ୍ୟ କୌଣସି ନା କୌଣସି ଆଇନ୍ ଦ୍ୱାରା ଯଥାର୍ଥ ବୋଲି ପ୍ରମାଣିତ ହେଉଥିବା ଆବଶ୍ୟକ । ସୁତରାଂ ଏହି ଧାରା ବଳରେ ଜଣେ ନାଗରିକ ଯେଉଁ ମୌଳିକ ଅଧିକାର ପାଇଛି, ତାହା ତା'ର ଜୀବନ ବା ସ୍ୱାଧୀନତା ଉପରେ ରାଷ୍ଟ୍ରର ମନମୁଖୀ ହସ୍ତକ୍ଷେପ ବିରୁଦ୍ଧରେ ସୁରକ୍ଷା ପାଇବାର ଅଧିକାର ଭିତରେ ସୀମିତ, କିନ୍ତୁ ତଦ୍ୱାରା ରାଷ୍ଟ୍ର ଯେ ନାଗରିକର ଜୀବନ ଓ ସ୍ୱାଧୀନତାର ଗ୍ୟାରେଣ୍ଟି ଦେବ, ତାହା ନିଷ୍ପନ୍ନ ହେଉନାହିଁ । ବସ୍ତୁତଃ ମାନେକା ଗାନ୍ଧୀ ବନାମ ଭାରତ ସରକାର, ୧୯୭୮ର କେଶ୍ ପୂର୍ବରୁ ସୁପ୍ରିମ୍ କୋର୍ଟ ଉପରୋକ୍ତ ଆକ୍ଷରିକ ଅର୍ଥରେ ଧାରା-୨୧ର ବ୍ୟାଖ୍ୟା କରୁଥିଲେ (ଦୃଷ୍ଟାନ୍ତ ସ୍ୱରୂପ, ମଖନ ସିଂହ ତର୍ସିକା ବନାମ ପଞ୍ଜାବ ସରକାର, ୧୯୫୨ ଏବଂ ନରାଞ୍ଜନ ସିଂ ନାଥଓ୍ୟାନ୍ ବନାମ ପଞ୍ଜାବ ସରକାର, ୧୯୫୨) । କିନ୍ତୁ ମେନକା ଗାନ୍ଧୀ କେଶ୍ ପରଠାରୁ ଏ ପର୍ଯ୍ୟନ୍ତ ସୁପ୍ରିମ୍ କୋର୍ଟ ଧାରା ୨୧କୁ ବିଭିନ୍ନ ଦୃଷ୍ଟିକୋଣରୁ ଏକ ସଂପ୍ରସାରିତ ଅର୍ଥ ପ୍ରଦାନ କରି ଆସିଛନ୍ତି, ଯାହା ଭିତରେ ନିମ୍ନୋକ୍ତ ବିଷୟଗୁଡିକ ଉପରେ ଅଧିକାରମାନ ମଧ୍ୟ ଅନ୍ତର୍ଭୁକ୍ତ । (୧) ବ୍ୟକ୍ତିର ଜୀବନ ଓ ସ୍ୱାଧୀନତାକୁ ଆବଶ୍ୟକ ସ୍ଥଳେ ସଂକୁଚିତ କରିବା ପାଇଁ ରାଷ୍ଟ୍ର ଯେଉଁ ଆଇନ୍ ପ୍ରଣୟନ କରିବ, ତାହା ଯଥାର୍ଥ ଓ ନ୍ୟାଯ୍ୟ ହୋଇଥିବା ଜରୁରୀ ; (୨) ବ୍ୟକ୍ତିଗତ ଓ ରାଜନୈତିକ ଅଧିକାରସମୂହ ସଂବନ୍ଧୀୟ ଆନ୍ତର୍ଜାତିକ ସନନ୍ଦ, ୧୯୬୬ରେ ଭାରତ ଯେହେତୁ ସ୍ୱାକ୍ଷର କରିଛି, ତେଣୁ ତଦନୁଯାୟୀ 'ଜୀବନ ଓ ସ୍ୱାଧୀନତା'ର ବ୍ୟାପକ ଅର୍ଥ ସହିତ ସଂଗତି ରଖି ରାଷ୍ଟ୍ର ଆଇନ୍ ପ୍ରଣୟନ କରିବ; (୩) ବିକାଶର ଅଧିକାର ; (୪) ଜୀବନର ଅଧିକାର କହିଲେ କେବଳ ପଶୁ ଭଳି ବଞ୍ଚିବାର ଅଧିକାର ନୁହେଁ, ବରଂ ମାନବିକ ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାର, ଅର୍ଥାତ୍ ନିଜର ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ଅଧିକାର ; (୫) ଏକ ସଭ୍ୟସମାଜରେ ବଞ୍ଚିବାର ନ୍ୟୂନତମ ଅଧିକାରସମୂହ, ଯଥା ଖାଦ୍ୟ, ଜଳ, ଉପଯୁକ୍ତ ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବାସସ୍ଥଳର ଅଧିକାର; (୬) ଯେ କୌଣସି ଫୌଜଦାରୀ କାର୍ଯ୍ୟବିଧିର ଯଥାଶୀଘ୍ର ଫଇସଲା ପାଇଁ ଅଧିକାର; (୭) ଜୀବନ ପାଇଁ ଜରୁରୀ ହେଉଥିବା ପରିବେଶର ଉପାଦାନସମୂହ, ଯଥା ବାୟୁ, ଜଳ ଏବଂ ମୃତ୍ତିକାର ସଂରକ୍ଷଣ ତଥା ତହିଁର ଅସନ୍ତୁଳନ-ଜନିତ ସମସ୍ୟାରୁ ସୁରକ୍ଷା ଲାଭ କରିବାର ଅଧିକାର ; (୮) ଜୀବିକାର ଅଧିକାର ; (୯) ସମାଜ ଠାରୁ ଜଣେ ମହିଳା ସୌଜନ୍ୟ ଓ ମର୍ଯ୍ୟାଦା ସହ ବ୍ୟବହାର ପାଇବାର ଅଧିକାର; (୧୦) ସାମାଜିକ ନ୍ୟାୟ ଓ ଅନୁସୂଚୀତ ଜାତି, ଜନଜାତି ତଥା ସମାଜର ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ; (୧୧) ଜେଲ୍‌ରେ ଭୋଗୁଥିବା ବାଳୁତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ; (୧୨) ସର୍ବାଙ୍ଗୀନ ବିକାଶ ପାଇଁ ବାଳୁତର ଅଧିକାର ; (୧୩) ପାର୍ବତ୍ୟ ଅଞ୍ଚଳର ବାସିନ୍ଦାମାନଙ୍କର ଗମନାଗମନ ପାଇଁ ସଡକ ବ୍ୟବସ୍ଥା; (୧୪) ଜେଲ୍‌ଖାନା ଓ ସୁରକ୍ଷା ଗୃହମାନଙ୍କର ସ୍ଥିତିରେ ଉନ୍ନତୀକରଣ; (୧୫) ଜାଣିବାର ଅଧିକାର; (୧୬) ଘରୋଇ କ୍ଷେତ୍ରରେ ଗୋପନୀୟତା ପାଇଁ ଅଧିକାର; ଓ (୧୭) ଆଇନ୍-ସହାୟତା ପାଇବାର ଅଧିକାର ଇତ୍ୟାଦି । ଗୋଟିଏ କଥାରେ କହିଲେ, ବର୍ତ୍ତମାନ ଏମିତି କୌଣସି ଛୋଟ କି ବଡ ମାନବୀୟ ଅଧିକାର ନାହିଁ, ଯାହାକି ସୁପ୍ରିମ୍ କୋର୍ଟର ବ୍ୟାଖ୍ୟା ଅନୁଯାୟୀ ଧାରା-୨୧ର ପରିସର-ଭୁକ୍ତ ନୁହେଁ ।

## ଶିକ୍ଷାର ଅଧିକାର- ଏକ ନିଷ୍ଫଳ ପ୍ରୟାସ

କିନ୍ତୁ ବିଡମ୍ବନାର ବିଷୟ, ଗୋଟିଏ ପଟରେ ସୁପ୍ରିମ୍ କୋର୍ଟ ଧାରା-୨୧ ଅଧୀନରେ ଅଧିକାରସମୂହର ତାଲିକାକୁ ଲମ୍ବେଇ ଚାଲିଥିବା ବେଳେ ଅନ୍ୟ ପଟରେ ବାସ୍ତବ କ୍ଷେତ୍ରରେ ସେଗୁଡିକର ଉପଲବ୍ଧି ଅଧିକରୁ ଅଧିକ ଜଟିଳ ହୋଇଚାଲିଛି । ମନେହୁଏ, ଧାରା-୨୧ ଉପରେ ସୁପ୍ରିମ୍ କୋର୍ଟଙ୍କ ବ୍ୟାଖ୍ୟା ଓ ନିର୍ଦ୍ଦେଶାବଳୀକୁ ରାଷ୍ଟ୍ର ମନମୁଖୀ ଭାବେ ଅବଜ୍ଞା କରିଚାଲିଛି, ଏବଂ ଏହି ଅବଜ୍ଞାର ପ୍ରତିକାର କରିବାରେ ସୁପ୍ରିମ୍ କୋର୍ଟ ମଧ୍ୟ କ୍ଷମତାହୀନ । ଦୃଷ୍ଟାନ୍ତ ସ୍ୱରୂପ, ଉନିକ୍ରିଷ୍ଣନ୍ ବନାମ ଆନ୍ଧ୍ର ପ୍ରଦେଶ ଓ ଅନ୍ୟମାନେ, ୧୯୯୩ର କେଶ୍‌ରେ ସୁପ୍ରିମ୍ କୋର୍ଟ କହିଲେ ଯେ, ଶିକ୍ଷା ପାଇଁ ପ୍ରତ୍ୟେକ ନାଗରିକର ଅଧିକାର ଧାରା-୨୧ର ପରିସର ଭିତରେ ଅନ୍ତର୍ଭୁକ୍ତ । ଏହାର ୯ବର୍ଷ ପରେ ୮୬ତମ ସମ୍ବିଧାନ ସଂଶୋଧନ, ୨୦୦୨ ଦ୍ୱାରା ସମ୍ବିଧାନର ଭାଗ-୩ ଅଧୀନରେ ଧାରା ୨୧(ଏ) ଯୋଡାଗଲା, ଯେଉଁଥିରେ

କୁହାଯାଇଛି ଯେ, "ଛ ରୁ ଚଉଦ ବର୍ଷର ସମସ୍ତ ବାଳୁତମାନଙ୍କ ପାଇଁ ରାଷ୍ଟ୍ର ସେହି ରୀତିରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିବ, ଯାହାକି ରାଷ୍ଟ୍ର ଆଇନ୍ ବଳରେ ନିର୍ଦ୍ଧାରଣ କରିପାରେ" । ଏହାର ୭ବର୍ଷ ପରେ ଏହି ମୌଳିକ ଅଧିକାରକୁ କାର୍ଯ୍ୟରୂପ ଦେବା ପାଇଁ 'ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ବାଳୁତ ଅଧିକାର ଆଇନ୍ ୨୦୦୯' ସଂସଦରେ ପ୍ରଣୀତ ହୋଇ ଗତ ୨୬ ଅଗଷ୍ଟରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଛି । କିନ୍ତୁ, ଏହାର ଧାରା-୧(୩)ରେ କୁହାଗଲା ଯେ, ଏହି ଆଇନ୍ ସେହି ତାରିଖରୁ କାର୍ଯ୍ୟକାରୀ ହେବ, ଯାହାକି କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଧାର୍ଯ୍ୟ କରିବେ, ଏବଂ ବସ୍ତୁତଃ ଏପର୍ଯ୍ୟନ୍ତ ଏହି ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ଏହାର ନିୟମାବଳୀ କେନ୍ଦ୍ର କି ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ହେବା ଦୂରର କଥା । ପୁଣି, ଏହି ଆଇନ୍ ଯେବେ ବି କାର୍ଯ୍ୟକାରୀ ହେବ, ତହିଁର ଘୋଷିତ ଲକ୍ଷ୍ୟ ପୂରଣ ହେବା ଅତ୍ୟନ୍ତ ସନ୍ଦେହଜନକ । କାରଣ, ଆଇନ୍‌ର ଉଲ୍ଲଂଘନ କରୁଥିବା ଜନ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ସୁନିର୍ଦ୍ଦିଷ୍ଟ ଦଣ୍ଡବିଧାନ ବ୍ୟବସ୍ଥା ଏଥିରେ ସ୍ଥାନିତ ହୋଇନାହିଁ । ଏହାର ଧାରା-୩୨ ଅନୁଯାୟୀ, ଉଲ୍ଲଂଘନକାରୀ କର୍ତ୍ତୃପକ୍ଷ ବା ଅଧିକାରୀଙ୍କ ବିରୁଦ୍ଧରେ ପ୍ରଥମେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ୩ମାସ ଭିତରେ ଏହାର ନିଷ୍ପତ୍ତି କରିବେ । ଯଦି ଅଭିଯୋକ୍ତା ସେହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ଯଥାସ୍ଥିତି ଜାତୀୟ ବା ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ଙ୍କ ନିକଟରେ ଅପିଲ୍ କରିବେ । କିନ୍ତୁ ଉକ୍ତ କମିଶନ୍ କେତେଦିନ ଭିତରେ ସେହି ଅପିଲ୍‌ର ନିଷ୍ପତ୍ତି ଶୁଣାଇବେ, ତାହା ଆଇନ୍‌ରେ ସୂଚୀତ ହୋଇନାହିଁ । ଏହାଛଡ଼ା, କୌଣସି ଦଣ୍ଡବିଧାନ ପାଇଁ କମିଶନ୍‌ଙ୍କର ପ୍ରତ୍ୟକ୍ଷ କ୍ଷମତା ନାହିଁ, ବରଂ କମିଶନ୍ ଚାହିଁଲେ 'ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫'ର ବ୍ୟବସ୍ଥା ଅନୁଯାୟୀ କେବଳ ଏକ ଅନୁସନ୍ଧାନ କରିପାରିବେ, ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟବିଧି ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ବା ସରକାରଙ୍କୁ ସୁପାରିଶ୍ କରିପାରିବେ, ଯଥାସ୍ଥିତି ସଂପୃକ୍ତ ହାଇକୋର୍ଟ ବା ସୁପ୍ରିମ୍ କୋର୍ଟଙ୍କୁ ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇ ପାରିବେ ଅଥବା ବଞ୍ଚିତ ବ୍ୟକ୍ତି ବା ତା'ର ପରିବାରକୁ ଅନ୍ତର୍ବର୍ତ୍ତୀ-କାଳୀନ ସହାୟତା ପ୍ରଦାନ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ବା ସରକାରଙ୍କୁ ସୁପାରିଶ୍ କରିପାରିବେ । କିନ୍ତୁ କମିଶନ୍‌ଙ୍କ ସୁପାରିଶ୍‌କୁ ସଂପୃକ୍ତ କୋର୍ଟ, କର୍ତ୍ତୃପକ୍ଷ ବା ସରକାର ଯଦି ଉପେକ୍ଷା କରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନ୍‌ଙ୍କର କୌଣସି କ୍ଷମତା ନାହିଁ । ଏହିଭଳି ସମ୍ବିଧାନର ଧାରା-୨୧(ଏ) ଅଧୀନରେ ସାର୍ବଜନୀନ ଶିକ୍ଷା ପାଇଁ ଯେଉଁ ମୌଳିକ ଅଧିକାର ଯୋଡାଗଲା, ତାହା ଭବିଷ୍ୟତରେ କେବଳ ସମ୍ବିଧାନର ପୃଷ୍ଠାମଣ୍ଡନ କରଚାଲିବ, କିନ୍ତୁ ନିପଟ ବାସ୍ତବତାକୁ କାଣିଚାଏ ବଦଳାଇ ପାରିବ ନାହିଁ ।

### ପ୍ରସ୍ତାବିତ ଖାଦ୍ୟ ଅଧିକାର ଆଇନ୍

ଧାରା-୨୧ ସମ୍ବନ୍ଧରେ ବିଭ୍ରାନ୍ତି ଯେ କେବଳ ଆଇନ୍‌ସଭା, ପ୍ରଶାସନ ଓ ନ୍ୟାୟାଳୟ ସ୍ତରରେ କାର୍ଯ୍ୟ କରୁଛି, ତାହା ନୁହେଁ । ଜନଗଣଙ୍କ ମୌଳିକ ଅଧିକାର ପାଇଁ ସଂଗ୍ରାମରତ ବେସରକାରୀ, ସ୍ୱେଚ୍ଛାସେବୀ, ନାଗରିକ ସଂଗଠନମାନଙ୍କ ଭିତରେ ମଧ୍ୟ ଏହା ବେଶ୍ ଜମାଟ ବାନ୍ଧିଛି । ଉଦାହରଣ ସ୍ୱରୂପ, ପି.ୟୁ.ସି.ଏଲ୍. (ପିପୁଲସ୍ ୟୁନିୟନ ଫର୍ ସିଭିଲ୍ ଲିବର୍ଟିଜ୍) ୨୦୦୧ରେ ସୁପ୍ରିମ୍ କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରଜୁ କରି ଦର୍ଶାଇଥିଲେ ଯେ, ସମ୍ବିଧାନର ଧାରା-୨୧ରେ ସ୍ଥାନିତ 'ଜୀବନର ଅଧିକାର' ଭିତରେ ଖାଦ୍ୟର ଅଧିକାରକୁ ମଧ୍ୟ ମୌଳିକ ଅଧିକାରର ମାନ୍ୟତା ଦେବାକୁ ପଡିବ ଓ ଏହାକୁ କାର୍ଯ୍ୟରୂପ ଦେବାକୁ ପଡିବ । ୮ ମେ ୨୦୦୨ରେ ସୁପ୍ରିମ୍ କୋର୍ଟ ଉକ୍ତ ମାମଲାର ଏକ ଅନ୍ତର୍ବର୍ତ୍ତୀ ରାୟ ଦେଇ ଆବେଦକମାନଙ୍କ ଯୁକ୍ତିକୁ ଗ୍ରହଣ କରିବା ସହିତ ଖାଦ୍ୟ ଅଧିକାର ସଂପର୍କୀତ ସମସ୍ତ ସରକାରୀ ସ୍କିମ୍‌ର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ପାଇଁ ଜାତୀୟ ସ୍ତରରେ ୨ଜଣ କମିଶନର୍ ନିଯୁକ୍ତ କଲେ ଏବଂ ସେମାନଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ରାଜ୍ୟରେ ଉପଦେଷ୍ଟାଗଣ ରହିଲେ । ଏବେକାର ୟୁ.ପି.ଏ. ସରକାର ଯେଉଁ ଖାଦ୍ୟ ନିରାପତ୍ତା ଆଇନ୍ ଆଣିବାକୁ ଯାଉଛନ୍ତି, ତାକୁ ସମ୍ବିଧାନର ଧାରା-୨୧ର ଅନୁପାଳନ ବୋଲି କେବଳ ସରକାର ନୁହଁନ୍ତି, ବହୁ ବିଶିଷ୍ଟ ନାଗରିକ ଓ ସଂଗଠନମାନେ ମଧ୍ୟ ମନେ କରନ୍ତି (ଦ୍ରଷ୍ଟବ୍ୟ- ରାଇଟ୍ ଟୁ ଫୁଡ୍ କ୍ୟାମ୍ପେନ୍ ୱେବ୍‌ସାଇଟ୍ http://www.righttofoodindia.org/case/case.html) । ସମସ୍ତେ ଜାଣନ୍ତି, ଗତ ୪ ଜୁନ୍ ୨୦୦୯ରେ ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ସଂସଦକୁ ନିଜର ଅଭିଭାଷଣ ପ୍ରସଙ୍ଗରେ ସୂଚାଇଥିଲେ ଯେ, ଏକ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ପ୍ରଣୟନ କରାଯାଇ ପ୍ରତି ବି.ପି.ଏଲ୍. ପରିବାରକୁ ପ୍ରତିମାସରେ କେଜି ୩ ଟଙ୍କା ହିସାବରେ ମୋଟ୍ ୨୫ କେଜି ଚାଉଳ ବା ଗହମ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ । ଗତ ୬ ଜୁଲାଇରେ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ନିଜର ବଜେଟ୍ ଭାଷଣରେ ଏ ପ୍ରକାର ଆଇନ୍ ପ୍ରଣୟନର ପ୍ରସ୍ତାବକୁ ଦୋହରାଇଥିଲେ । ପ୍ରସ୍ତାବିତ ଆଇନ୍ ଉପରେ ବିଶେଷ ଅନୁଧ୍ୟାନ କରିବା ପାଇଁ ଗତ ୧୩ଜୁଲାଇରେ ଏକ ସ୍ୱତନ୍ତ୍ର ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ମଧ୍ୟ ଗଠନ କରାଯାଇଛି ।

### କେନ୍ଦ୍ର ସରକାରଙ୍କ ଚିନ୍ତନ ପତ୍ର

ଇତିମଧ୍ୟରେ ଭାରତ ସରକାରଙ୍କ ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ବିଭାଗ ତରଫରୁ ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ରାଞ୍ଚଳକୁ ପ୍ରସ୍ତାବିତ ଆଇନ୍ ସମ୍ବନ୍ଧରେ ୪ ଜୁନ୍ ୨୦୦୯ ତାରିଖରେ ଏକ ଚିନ୍ତନ ପତ୍ର ପ୍ରସାର କରାଯାଇ ସେମାନଙ୍କର ମତାମତ ଲୋଡାଯାଇଛି । ଏହାକୁ ଅନୁଧ୍ୟାନ କଲେ କେତେକ ବିଚିତ୍ର ତଥ୍ୟ ଦୃଷ୍ଟିଗୋଚର ହୁଏ । ପ୍ରଥମତଃ ଯୋଜନା କମିଶନ୍‌ଙ୍କ ସର୍ବେକ୍ଷଣ ଅନୁଯାୟୀ, ୧୯୯୩-୯୪ ଆକଳନ ଭିତ୍ତିରେ ମୋଟ୍ ବିପିଏଲ୍ ପରିବାର ସଂଖ୍ୟା ୬.୫୨ କୋଟି ଓ ୨୦୦୪-୦୫ର ଆକଳନ ଭିତ୍ତିରେ ଏହି ସଂଖ୍ୟା ହେବା କଥା

୫.୯୧ କୋଟି, କିନ୍ତୁ ଏବେସୁଦ୍ଧା ଦେଶରେ ଆବଣ୍ଟିତ ବିପିଏଲ୍ କାର୍ଡ ସଂଖ୍ୟା ୧୦.୬୮ କୋଟି (ଅନୁଚ୍ଛେଦ ୬.୨) । ୨ୟତଃ ତାମିଲନାଡୁରେ ସମସ୍ତ ପରିବାରଙ୍କୁ କେଜି ୧ଟଙ୍କାରେ ବିପିଏଲ୍ ଚାଉଳ ମିଳୁଥିବା ବେଳେ କର୍ଣ୍ଣାଟକ ଭଳି କେତେକ ରାଜ୍ୟରେ ଶତକଡା ୮୩ଭାଗ ପରିବାରଙ୍କୁ କେଜି ୩ଟଙ୍କାରେ ଏହି ସୁବିଧା ମିଳୁଛି । ଆନ୍ଧ୍ର ପ୍ରଦେଶରେ ମଧ୍ୟ ଅତିରିକ୍ତ ସଂଖ୍ୟକ ପରିବାର ବିପିଏଲ୍ ଚାଉଳ କେଜି ପିଛା ୨ଟଙ୍କାରେ ପାଉଛନ୍ତି (ଅନୁଚ୍ଛେଦ ୬.୩) । ଯଦିଓ କେନ୍ଦ୍ର ସରକାରଙ୍କ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ, ୨୦୦୧ ଅନୁଯାୟୀ ରାଜ୍ୟମାନେ ସମୟାନ୍ତରରେ କେନ୍ଦ୍ର ଦ୍ୱାରା ଜାରି ହେଉଥିବା ନିର୍ଦ୍ଦେଶାବଳୀକୁ ମାନିବା କଥା, କିନ୍ତୁ ବାସ୍ତବରେ ତହିଁର ଉଲ୍ଲଂଘନ ହିଁ ମୁଖ୍ୟତଃ ପରିଲକ୍ଷିତ ହୋଇଆସିଛି (ଅନୁଚ୍ଛେଦ ୬.୪) । ୩ୟତଃ, କୌଣସି ରାଜ୍ୟ ନିଜର ବିପିଏଲ୍ ସଂଖ୍ୟା କମାଇବାକୁ ରାଜି ନୁହଁନ୍ତି, ବରଂ ବର୍ଷକୁ ବର୍ଷ ଏହି ସଂଖ୍ୟା ବଢାଇ ଚାଲିଛନ୍ତି । ତେଣୁ ଏଣିକି ନିୟମିତ ଭାବେ ବାର୍ଷିକ ସମୀକ୍ଷା କରାଯାଇ ବିପିଏଲ୍ ସଂଖ୍ୟା ହ୍ରାସ କରାଯିବାକୁ ସୁନିଶ୍ଚିତ କରାଯିବ (ଅନୁଚ୍ଛେଦ ୬.୫) । ୪ର୍ଥତଃ ଏପିଏଲ୍ ଗୋଷ୍ଠୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ଉଚ୍ଛେଦ କରାଯିବ, ନଚେତ୍ କେବଳ କେତେକ ସ୍ୱତନ୍ତ୍ର, ଦୁର୍ଗମ ଓ ଅଭାବୀ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ରହିବ (ଅନୁଚ୍ଛେଦ-୮) । ୫ମତଃ ପ୍ରସ୍ତାବିତ ଖାଦ୍ୟ ନିରାପତ୍ତା ଆଇନ୍ କାର୍ଯ୍ୟକାରୀ ହେଲେ, କେବଳ ବିପିଏଲ୍‌ଙ୍କୁ ଖାଦ୍ୟ ଯୋଗାଣ ସ୍କିମ୍ (ଟି-ପିଡିଏସ୍)କୁ ଛାଡି ଅନ୍ୟାନ୍ୟ ସ୍କିମ୍, ଯଥା ଅନ୍ନପୂର୍ଣ୍ଣା, ଗ୍ରାମୀଣ ଶସ୍ୟଗୋଲା, ମଧ୍ୟାହ୍ନ ଭୋଜନ ଓ ଅଙ୍ଗନବାଡି ଇତ୍ୟାଦିର ଉଚ୍ଛେଦ ଘଟିବ ତଥା ବିପିଲ୍ ଗୋଷ୍ଠୀ ଭିତରୁ ବର୍ତ୍ତମାନ ଯେମିତି ଅନ୍ତୋଦୟ ଅନ୍ନ ଯୋଜନାର ହିତାଧିକାରୀଙ୍କ ଉପବର୍ଗକୁ ଚିହ୍ନଟ କରାଯାଉଛି, ସେ ବ୍ୟବସ୍ଥାର ମଧ୍ୟ ଉଚ୍ଛେଦ ଘଟିବ (ଅନୁଚ୍ଛେଦ ୧୦) । ୬ଷ୍ଠତଃ ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହେବା ପରେ ନୂଆ ଭାବେ ବି.ପି.ଏଲ୍. ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସର୍ବେକ୍ଷଣ କରାଯିବ, ଏବଂ ସେମାନଙ୍କୁ ବି.ପି.ଏଲ୍. କାର୍ଡ ଆବଣ୍ଟନ କରାଯିବ; ଏହି କାର୍ଡ ୫ବର୍ଷ ପାଇଁ ପ୍ରଯୁଜ୍ୟ ରହିବ, କିନ୍ତୁ ବାର୍ଷିକ ସର୍ବେକ୍ଷଣରେ ଯଦି ଗୋଟିଏ ପରିବାର ବିପିଏଲ୍ ସ୍ଥିତିକୁ ଅତିକ୍ରମ କରେ, ତେବେ ତାଙ୍କର କାର୍ଡ ଆପେ ଆପେ ରଦ୍ଦ ହୋଇଯିବ । ୭ମତଃ ଆବଶ୍ୟକ ତୁଳନାରେ ଖାଦ୍ୟଶସ୍ୟ ସଂଗ୍ରହରେ ବ୍ୟାପକ ନିଅଣ୍ଟ ଦେଖାଯିବାର ଆଶଙ୍କା ରହିଛି ଏବଂ ତାକୁ ଭରଣା କରିବା ପାଇଁ ଅତିରିକ୍ତ ସହାୟତା ମୂଲ୍ୟ ଦେଇ ଖୋଲା ବଜାରରୁ ଖାଦ୍ୟଶସ୍ୟ ସଂଗ୍ରହ କରାଯିବ ତଥା ବିଦେଶରୁ ଆମଦାନୀ କରାଯିବ (ଅନୁଚ୍ଛେଦ ୧୨) । ୮ମତଃ ଯେଉଁ ହିତାଧିକାରୀମାନେ ଖାଦ୍ୟସାମଗ୍ରୀ ଯୋଗାଣରୁ ବଞ୍ଚିତ ହେବେ, ସେମାନଙ୍କୁ ଖାଦ୍ୟ ନିରାପତ୍ତା ଭତ୍ତା ମିଳିବ, ଏବଂ ଏହି ଭତ୍ତା ରାଜ୍ୟ ସରକାର ପ୍ରଦାନ କରିବେ ଏବଂ ତାହା କେବଳ ଚେକ୍ ମାଧ୍ୟମରେ (ଅନୁଚ୍ଛେଦ ୧୪) । ୯ମତଃ, ପ୍ରତି ସୁଲଭ ଦୋକାନ ସ୍ତରରେ ଜନସଜାଗତା ଓ ତଦାରଖ କମିଟି ରହିବ ଏବଂ ପଞ୍ଚାୟତ ଏବଂ ନଗରପାଳିକାଙ୍କ ଦ୍ୱାରା ସାମାଜିକ ସମୀକ୍ଷା କରାଯିବ; ହିତାଧିକାରୀ ଓ ସେମାନଙ୍କୁ ଖାଦ୍ୟସାମଗ୍ରୀ ଆବଣ୍ଟନର ତଥ୍ୟାବଳୀକୁ କମ୍ପ୍ୟୁଟରୀକରଣ କରାଯିବ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ତ୍ୱରିତ ଅଭିଯୋଗ-ମୀମାଂସା ବ୍ୟବସ୍ଥା ସ୍ଥାନିତ କରାଯିବ (ଅନୁଚ୍ଛେଦ ୧୫) । ୧୦ମତଃ ଆଇନ୍‌ର ଖିଲାପ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣାଣି ପାଇଁ ପ୍ରତି ତହସିଲ୍/ବ୍ଲକ୍ ସ୍ତରରେ ଖାଦ୍ୟ ନିରାପତ୍ତା ନ୍ୟାୟାଳୟ (ଫୁଡ୍ ସିକ୍ୟୁରିଟି ଟ୍ରିବୁନାଲ୍) ସ୍ଥାନିତ ହେବ ଏବଂ ତାହା ବିରୁଦ୍ଧରେ ଅଭିଯୋଗ ଶୁଣାଣି ପାଇଁ ଜିଲ୍ଲାସ୍ତରୀୟ ଟ୍ରିବୁନାଲ୍ ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳଙ୍କ କର୍ତ୍ତୃତ୍ୱାଧୀନରେ ଗଠିତ ହେବ ଏବଂ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ବିବେଚିତ ହେବ (ଅନୁଚ୍ଛେଦ ୧୬) ।

**ଘୋଡା ଆଗରେ ଗାଡି**

ଆପତ ଦୃଷ୍ଟିରେ ଉପରୋକ୍ତ ବ୍ୟବସ୍ଥାମାନ ପ୍ରଗତିଶୀଳ ଓ ଲୋକାଭିମୁଖୀ ମନେ ହୋଇପାରେ । କିନ୍ତୁ ଅତୀତରେ ଯେଭଳି ବହୁ ଜନକଲ୍ୟାଣକାରୀ କେନ୍ଦ୍ରୀୟ ଆଇନ୍ (ଯଥା ଏନ୍.ଆର୍.ଇ.ଜି.ଏ. , ଜଙ୍ଗଲ ଅଧିକାର ଆଇନ୍, ଘରୋଇ ହିଂସାରୁ ସୁରକ୍ଷା ଆଇନ୍ ଇତ୍ୟାଦି) ସଂସଦ ଦ୍ୱାରା ପ୍ରଣୀତ ହୋଇ ଉପଯୁକ୍ତ ଆନୁଷଙ୍ଗିକ ଓ ପ୍ରତିକାର ବ୍ୟବସ୍ଥା ଅଭାବରୁ ଅଧପନ୍ତରା ହୋଇ ପଡିରହିଛି, ଉପରେ ବର୍ଣ୍ଣୀତ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଏବଂ ବର୍ତ୍ତମାନର ପ୍ରସ୍ତାବିତ ଖାଦ୍ୟ ନିରାପତ୍ତା ଆଇନ୍ ମଧ୍ୟ ସେହି ଦଶା ଭୋଗିବାକୁ ବାଧ୍ୟ । ବିପିଏଲ୍ ସଂଖ୍ୟା ଗଣତି ନକରି, ରାଜ୍ୟମାନଙ୍କ ଭିତରେ ସହମତି ନଆଣି, ଆବଶ୍ୟକୀୟ ପ୍ରଶାସନିକ ସଂସ୍କାର ନକରି ଓ ସର୍ବୋପରି ସମ୍ଭାବ୍ୟ ଉଲ୍ଲଂଘନ ବିରୁଦ୍ଧରେ ଉପଯୁକ୍ତ ପ୍ରତିକାର ଓ ଦଣ୍ଡବିଧାନ ବ୍ୟବସ୍ଥାକୁ ସ୍ଥାନିତ ନକରି, ଯଦି ଖାଦ୍ୟ ଅଧିକାର ଆଇନ୍ ଲାଗୁ କରାଯାଏ, ତେବେ ତାହା ଘୋଡା ଆଗରେ ଗାଡି ଥୋଇବା ଭଳି ଏକ ଆଉ ଏକ ଅଭାବନୀୟ ଦୁସ୍ଥିତିକୁ ଜନ୍ମଦେବ ତଥା ଖାଦ୍ୟ ଯୋଗାଣକୁ ନେଇ ଉଭୟ ପ୍ରଶାସନ ଓ ଜନସାଧାରଣଙ୍କ ଭିତରେ ଭୟଙ୍କର ଅରାଜକତା ସୃଷ୍ଟି ହେବ । ପରିଣତି ସ୍ୱରୂପ, ଗୋଳିଆ ପାଣିରେ ଶେଉଳ ଧରିବା ନ୍ୟାୟରେ ଥୋକେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଖାଦ୍ୟ ଅଧିକାର ନାଁରେ ରାଜକୋଷରୁ ବ୍ୟୟିତ ବିପୁଳ ଅର୍ଥରାଶିକୁ ହରିଲୁଟ୍ କରିବେ ସିନା, ବାସ୍ତବରେ ପ୍ରକୃତ ଗରିବ ଓ ଭୋକିଲା ଲୋକଙ୍କ ସଂଖ୍ୟା ବଢିବଢି ଚାଲୁଥିବ । ସମ୍ବିଧାନର ଧାରା-୨୧ରେ ସୂଚୀତ ହୋଇଥିବା ତଥାକଥିତ 'ଜୀବନ ଅଧିକାର' ଅଧୀନରେ ଖାଦ୍ୟ ଅଧିକାର ଭଳି ଆଉ ଏକ ମୌଳିକ ଅଧିକାର ଲୋକମାନଙ୍କୁ ମିଳିଗଲା ବୋଲି ରାଜନେତା, ପ୍ରଶାସକ ଏବଂ ନ୍ୟାୟମୂର୍ତ୍ତୀ ଗଣ ଆନ୍ତର୍ଜାତିକ ମଞ୍ଚଗୁଡିକରେ ଦାବୀ କରିପାରିବେ, କିନ୍ତୁ ଲୋକେ ସେହି ତିମିରରେ ରହିଥିବେ, ଯେଉଁ ତିମିରରେ ସେମାନେ ଅତୀତରେ ଥିଲେ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 18th December 2009